# NATIONAL NEWS BULLETIN (ODIA)

**26 April - 2025**

**Morning Bulletin : 7.15 a.m.**

*******************************************

## ମୁଖ୍ୟ ସମ୍ବାଦ

- ଦେଶର ୪୭ଟି ସ୍ଥାନରେ ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ଆଜି ନିଯୁକ୍ତିପତ୍ର ବଣ୍ଟନ କରିବେ ପ୍ରଧାନମନ୍ତ୍ରୀ
- ରୋମାନ କ୍ୟାଥଲିକ୍ ଚର୍ଚ୍ଚ ମୁଖ୍ୟ ପୋପ ଫ୍ରାନ୍‌ସିସ୍‌ଙ୍କ ଆଜି ରୋମ୍‌ରେ ହେବ ଅନ୍ତିମ ସଂସ୍କାର
- ସ୍କ୍ରାମ୍ ଜେଟ୍ ଇଞ୍ଜିନ ବିକାଶରେ ଗୁରୁତ୍ୱପୂର୍ଣ୍ଣ ମାଇଲ୍ ଖୁଣ୍ଟ ହାସଲ କଲା ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ
- ଭିସା ନିଷେଧାଦେଶ ଜାରି ହେବା ପରେ ଭାରତ ଛାଡ଼ିଲେ ୨୧୯ ଜଣ ପାକିସ୍ତାନୀ ନାଗରିକ

ଏବଂ

- ଆଇପିଏଲ୍ ଟି-୨୦ କ୍ରିକେଟ୍‌ରେ ଚେନ୍ନାଇ ସୁପରକିଙ୍ଗ୍‌ସକୁ ୫ ୱିକେଟ୍‌ରେ ପରାସ୍ତ କରିଛି ସନ୍‌ରାଇଜର୍ସ ହାଇଦ୍ରାବାଦ

## ପିଏମ୍-ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡ଼ିଓ କନଫରେନ୍ସିଂ ଜରିଆରେ ବିଭିନ୍ନ ସରକାରୀ ବିଭାଗ ଓ ସଂଗଠନରେ ନବନିଯୁକ୍ତ ଯୁବକ ଯୁବତୀଙ୍କୁ ୫୧ ହଜାରରୁ ଅଧିକ ନିଯୁକ୍ତିପତ୍ର ବଣ୍ଟନ କରିବେ । ଏହି ଅବସରରେ ଶ୍ରୀ

ମୋଦୀ ସମାବେଶକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ଦେଶରେ ରୋଜଗାର ସୃଷ୍ଟିକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁଯାୟୀ ଦେଶର ୪୭ଟି ସ୍ଥାନରେ ପଞ୍ଚଦଶ ରୋଜଗାର ମେଳା ଅନୁଷ୍ଠିତ ହେବ । ଯୁବପିଢ଼ିଙ୍କୁ ସଶକ୍ତ କରିବା ଏବଂ ଦେଶର ବିକାଶରେ ସେମାନଙ୍କ ଅର୍ଥପୂର୍ଣ୍ଣ ଯୋଗଦାନ ପାଇଁ ଏହି ନିଯୁକ୍ତି ସହାୟକ ହେବ ବୋଲି କୁହାଯାଇଛି । ନୂତନ ନିଯୁକ୍ତି ପାଇଥିବା ବ୍ୟକ୍ତିମାନେ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ କାର୍ଯ୍ୟ କରିବେ ।

# ପୋପ୍ ଫନେରାଲ୍ -ପ୍ରେଜ୍ ମୁର୍ମୁ

ବିଶ୍ୱବ୍ୟାପୀ ରୋମାନ୍ କ୍ୟାଥଲିକ୍ ଚର୍ଚ୍ଚର ମୁଖ୍ୟ ପୋପ୍ ଫ୍ରାନ୍‌ସିସ୍‌ଙ୍କ ଆଜି ରୋମ୍‌ର ସେଣ୍ଟ୍ ମେରୀ ମେଜର୍‌ର ବାସିଲିକା ଠାରେ ଅନ୍ତିମ ସଂସ୍କାର କରାଯିବ । ଭାଟିକାନ୍ ସହରର ସେଣ୍ଟ ପିଟର୍ସ ଛକରେ ଭାରତୀୟ ସମୟ ଅପରାହ୍ନ ଗୋଟାଏ ୩୦ ମିନିଟ୍‌ରେ ଶେଷକୃତ୍ୟ ଆରମ୍ଭ ହେବ । ପୋପଙ୍କ ଅନ୍ତିମ ସଂସ୍କାର ସମାରୋହରେ ବିଭିନ୍ନ ରାଷ୍ଟ୍ରମୁଖ୍ୟ ଓ ବିଶ୍ୱର ବିଭିନ୍ନ ଦେଶର ପ୍ରତିନିଧିଙ୍କ ସମେତ  ହଜାର ହଜାର ବ୍ୟକ୍ତି ଯୋଗ ଦେବେ ବୋଲି କୁହାଯାଇଛି ।

ଭାରତ ଏବଂ ଭାରତବାସୀଙ୍କ ତରଫରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଲାଗି ଗତକାଲି ଭାଟିକାନ ସିଟି ଗସ୍ତ କରିଛନ୍ତି । ଏହି ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍, ବ୍ରାଜିଲ୍ ରାଷ୍ଟ୍ରପତି ଲୁଇଜ୍

ଇନାସିଓ ଲୁଲା ଦା ସିଲ୍‌ଭା ଏବଂ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମିଲିଙ୍କ ସମେତ ଅନ୍ୟାନ୍ୟ ବିଶ୍ୱ ନେତାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ଇଟାଲୀର ରୋମରେ ପହଞ୍ଚିବା ପରେ ସେଣ୍ଟ ପିଟର୍ସ ବାସିଲିକାଠାରେ ପୋପ୍ ଫ୍ରାନ୍‌ସିସ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାଷ୍ଟ୍ରପତିଙ୍କ ସହ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ, ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଆନ୍ ଏବଂ ଗୋଆ ବିଧାନସଭାର ଉପବାଚସ୍ପତି ଜୋସୁଆ ଡି ସୁଜା ଉପସ୍ଥିତ ଥିଲେ ।

ରୋମ୍‌ର ସେଣ୍ଟ୍‌ମେରୀ ମେଜରଙ୍କୁ କଫିନ୍ ହସ୍ତାନ୍ତର କରାଯିବା ପରେ ଅନ୍ତିମ ସଂସ୍କାର ସମାରୋହ ଶେଷ ହେବ ।

ରୋମାନ୍ କ୍ୟାଥଲିକ୍ ଚର୍ଚ୍ଚର ନେତୃତ୍ୱ ନେଇଥିବା ପ୍ରଥମ ଲାଟିନ୍-ଆମେରିକୀୟ ପୋପ୍ ତଥା ଭାଟିକାନ୍ ସିଟିର ମୁଖ୍ୟ ପୋପ୍ ଫ୍ରାନ୍‌ସିସ୍‌ଙ୍କର ଚଳିତ ମାସ ୨୧ ତାରିଖରେ ୮୮ ବର୍ଷ ବୟସରେ ପରଲୋକ ଘଟିଥିଲା । ସେ ଦୁଇଦୁଇ ଥର ନିମୋନିଆରେ ପୀଡ଼ିତ ହୋଇ ପ୍ରାୟ ୫ ସପ୍ତାହ ଧରି ଚିକିତ୍ସିତ ହେଉଥିଲେ ।

ଆଜି ପୋପ୍‌ଙ୍କ ଅନ୍ତିମ ସଂସ୍କାର ଅବସରରେ ଭାରତ ରାଷ୍ଟ୍ରୀୟ ଶୋକ ପାଳନ କରୁଛି । ଗୃହ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ନିୟମିତ ଭାବେ ଜାତୀୟ ପତାକା ଉତ୍ତୋଳନ କରାଯାଉଥିବା ସ୍ଥାନଗୁଡ଼ିକରେ ଆଜି ଦିନିକ ପାଇଁ ଜାତୀୟ ପତାକା ଅର୍ଦ୍ଧନମିତ ରହିବ ।

# ଅମିତ ଶାହା- ସିନ୍ଧୁ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ପାକିସ୍ତାନ ସହ ହୋଇଥିବା ସିନ୍ଧୁ ନଦୀ ଜଳ ଚୁକ୍ତିନାମା ୧୯୬୦ ସଂପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର, କେନ୍ଦ୍ର ଜଳଶକ୍ତିମନ୍ତ୍ରୀ ସି.ଆର୍. ପାଟିଲ୍ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳଚୁକ୍ତିକୁ ସ୍ଥଗିତ ରଖିବା ବିଷୟ ଘୋଷଣା କରିଥିଲା । ବୈଠକ ପରେ ଜଳଶକ୍ତିମନ୍ତ୍ରୀ ସି.ଆର୍.ପାଟିଲ୍ କହିଛନ୍ତି, ପାକିସ୍ତାନକୁ ବୁନ୍ଦାଏ ବି ଜଳ ଦିଆଯିବ ନାହିଁ ।

**V/O**

**(C.R. Patil)**

# ଜେକେ ଆର୍ମି ଚିଫ୍ ଭିଜିଟ୍

ଜାମ୍ମୁ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ସାମଗ୍ରିକ ସୁରକ୍ଷା ପରିସ୍ଥିତି ଏବଂ ଆନୁସଙ୍ଗିକ ଘଟଣା ସଂପର୍କରେ ଶ୍ରୀନଗରରେ କେତେକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗତକାଲି ସେନାମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ କାଶ୍ମୀରରେ ପହଞ୍ଚିବା ପରେ ସ୍ଥଳସେନାର ଶୀର୍ଷ ଅଧିକାରୀମାନଙ୍କ ସହ ଏକାଧିକ ବୈଠକ କରିଥିଲେ । ପରେ ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୁରକ୍ଷା ସମୀକ୍ଷା ବୈଠକରେ ଜେନେରାଲ୍ ଦ୍ୱିବେଦୀ

ଯୋଗ ଦେଇଥିଲେ । ବୈଠକରେ ବର୍ତ୍ତମାନ ପରିସ୍ଥିତି ଏବଂ ନିୟନ୍ତ୍ରଣରେଖା ନିକଟରେ ଅସ୍ତ୍ରବିରତି ଉପରେ ଆଲୋଚନା ହୋଇଥିଲା ।

ଅନ୍ୟପକ୍ଷରେ ବିରୋଧୀଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ କାଶ୍ମୀର ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ସେ ରାଜ୍ୟପାଳ ଶ୍ରୀ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କୁ ସାକ୍ଷାତ କରି ସୁରକ୍ଷା ସଂପର୍କରେ ତଥ୍ୟ ହାସଲ କରିଥିଲେ । ପରେ ସେ କେନ୍ଦ୍ର ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ପଦକ୍ଷେପକୁ ସମର୍ଥନ କରୁଥିବା କହିଥିଲେ । ଆସନ୍ତା ୨୮ ତାରିଖରେ ପହଲଗାମ ଆକ୍ରମଣ ସଂପର୍କରେ ଆଲୋଚନା ପାଇଁ ଜାମ୍ମୁକାଶ୍ମୀର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ନିମନ୍ତେ ଉପରାଜ୍ୟପାଳ ସୂଚିତ କରିଥିବା ଜଣାପଡ଼ିଛି ।

## ଡିଆର୍‌ଡିଓ

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ-ଡିଆର୍‌ଡିଓ ୧ ହଜାର ସେକେଣ୍ଡରୁ ଅଧିକ ସମୟ ଧରି ଆକ୍ଟିଭ୍ କୁଲ୍‌ଡ ସ୍କ୍ରାମ୍ ଜେଟ୍ କମ୍ବଷ୍ଟ’ର ଗ୍ରାଉଣ୍ଡ ପରୀକ୍ଷଣ କରି ସ୍କ୍ରାମ୍ ଜେଟ୍ ଇଞ୍ଜିନ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍ ଖୁଣ୍ଟ ହାସଲ କରିଛି । ଡିଆର୍‌ଡିଓ’ର ହାଇଦ୍ରାବାଦସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ପରୀକ୍ଷାଗାର ଗତକାଲି ଏହାର ଗ୍ରାଉଣ୍ଡ ଟେଷ୍ଟିଂ କରିଥିଲା । ଗତ ଜାନୁୟାରୀ ମାସରେ ୧୨୦ ସେକେଣ୍ଡ୍ ପାଇଁ ହୋଇଥିବା ପରୀକ୍ଷଣ ପରେ ଗତକାଲିର ପରୀକ୍ଷଣ ସଫଳ ହୋଇଛି । ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥା ସଂପୂର୍ଣ୍ଣ ଉଡ଼ାଣଯୋଗ୍ୟ ପରୀକ୍ଷଣ ପାଇଁ ପ୍ରସ୍ତୁତ ହୋଇଯିବ ବୋଲି ଡିଆରଡିଓ ପକ୍ଷରୁ କୁହାଯାଇଛି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏହି ସଫଳତା ପାଇଁ ଡିଆରଡିଓ, ଶିଳ୍ପ ସହଯୋଗୀ ଏବଂ ଗବେଷକମାନଙ୍କୁ ପ୍ରଶଂସା କରିଛନ୍ତି । ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ହାଇପର୍‌ସୋନିକ୍ ଅସ୍ତ୍ର ପ୍ରଯୁକ୍ତିବିଦ୍ୟାକୁ ସାକାର କରିବାରେ ଏହା ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ଶ୍ରୀ ସିଂ କହିଛନ୍ତି ।

ହାଇପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ହେଉଛି  ସ୍ୱତନ୍ତ୍ର ଶ୍ରେଣୀର ଅସ୍ତ୍ରଶସ୍ତ୍ର, ଯାହା ଦୀର୍ଘସମୟ ପର୍ଯ୍ୟନ୍ତ ଶବ୍ଦର ବେଗଠାରୁ ୫ ଗୁଣରୁ ଅଧିକ ବେଗରେ ଯାତ୍ରା କରିପାରିବ ।

## ପଞ୍ଜାବ ପାକିଜ୍ ରିଟର୍ଣ୍ଣ

ପାକିସ୍ତାନ ନାଗରିକଙ୍କ ପାଇଁ ସାର୍କ ଭିସା ନିଷେଧାଦେଶ ଉପରେ କେନ୍ଦ୍ରୀୟ ସୁରକ୍ଷା କମିଟିର ନିଷ୍ପତ୍ତି ଅନୁଯାୟୀ ଭାରତରେ ଥିବା ଲୋକଙ୍କୁ ୪୮ ଘଣ୍ଟା ମଧ୍ୟରେ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯିବା ପରେ ଗତକାଲି ଅମୃତସରସ୍ଥିତ ଅଟାରୀ-ୱାଘା ଯୁଗ୍ମ ଚେକ୍‌ପୋଷ୍ଟ ଦେଇ ୧୯୧ ଜଣ ପାକିସ୍ତାନୀ ନାଗରିକ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଗତ ଗୁରୁବାର ଦିନ ୨୮ ଜଣ ପାକିସ୍ତାନୀ ନାଗରିକ ସେହିବାଟ ଦେଇ ଫେରିଯାଇଥିଲେ । ଅନ୍ୟପକ୍ଷରେ ୨୮୭ ଜଣ ଭାରତୀୟ ନାଗରିକ ମଧ୍ୟ ପାକିସ୍ତାନରୁ ଭାରତ ଫେରିଥିବା ଜଣାପଡ଼ିଛି ।

## ଏଚ୍.ଏମ୍. - ପାକ୍ ନ୍ୟାସନାଲ୍‌ସ୍

ପହଲ୍‌ଗାମ୍ ଆତଙ୍କବାଦ ଆକ୍ରମଣ ପରେ ଭାରତ ପାକିସ୍ତାନର ନାଗରିକମାନଙ୍କୁ ଦିଆଯାଇଥିବା ଭିସା ରଦ୍ଦ କରିବା ପରେ  ସ୍ୱରାଷ୍ଟ୍ର ମନ୍ତ୍ରୀ

ଅମିତ୍ ଶାହା ସମସ୍ତ ମୁଖ୍ୟମନ୍ତ୍ରୀଙ୍କ ସହ କଥାହୋଇ ସେମାନଙ୍କ ରାଜ୍ୟରେ ଥିବା ସମସ୍ତ ପାକିସ୍ତାନୀ ନାଗରିକଙ୍କ ଭିସା ରଦ୍ଦ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଲାଗି କହିଛନ୍ତି । ଶ୍ରୀ ଶାହା  ନିର୍ଦ୍ଧାରିତ ସମୟ ମଧ୍ୟରେ ଯେଭଳି ପାକିସ୍ତାନୀ ନାଗରିକମାନେ ଦେଶ ଛାଡ଼ିବେ, ସେ ନେଇ ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଇତିମଧ୍ୟରେ କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟଶାସନ ସଚିବଙ୍କ ସହ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ବୈଠକ କରିଛନ୍ତି। ବୈଠକରେ ପାକିସ୍ତାନୀ ନାଗରିକମାନଙ୍କୁ ତୁରନ୍ତ ଚିହ୍ନଟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ସୂଚନାଯୋଗ୍ୟ, ଭାରତ' ପହଲଗାମ ଆକ୍ରମଣ ପରେ ପାକିସ୍ତାନ ନାଗରିକଙ୍କୁ ଦିଆଯାଇଥିବା ଦୀର୍ଘକାଳୀନ ଭିସା, କୂଟନୈତିକ ଭିସା ଓ ଅଧିକାରୀକ ଭିସା ସମେତ ଅନ୍ୟ ସମସ୍ତ ଭିସାକୁ ବାତିଲ କରିଛି ।
ଅନ୍ୟପକ୍ଷରେ ପୂର୍ବରୁ ଜାରି କରାଯାଇଥିବା ମେଡ଼ିକାଲ ଭିସା ଚଳିତମାସ ୨୯ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ ଏବଂ ଏହା ପରେ କୌଣସି ନୂଆ ଭିସା ପ୍ରଦାନ କରାଯିବ ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି ।

# ମନୋହରଲାଲ-କନ୍‌ଫରେନ୍ସ

ଗ୍ୟାଙ୍ଗ୍‌ଟକ୍‌ରେ ଆଜି ଆୟୋଜିତ ହେଉଥିବା ଉତ୍ତର-ପୂର୍ବାଞ୍ଚଳ ଶକ୍ତି ମନ୍ତ୍ରୀମାନଙ୍କ ସମ୍ମିଳନୀରେ କେନ୍ଦ୍ର ଶକ୍ତିମନ୍ତ୍ରୀ ମନୋହରଲାଲ୍ ଯୋଗଦେବେ । ଏଥିରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ସମସ୍ତ ଶକ୍ତିମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେବେ । ସୂଚନା ଅନୁଯାୟୀ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଶକ୍ତିକ୍ଷେତ୍ରର ସ୍ଥିତି, ଆବଶ୍ୟକତା ଓ ବିଭିନ୍ନ

ଉପାୟ ସଂପର୍କରେ ଏହି ସମ୍ମିଳନୀରେ ଆଲୋଚନା ହେବ । ପରେ ମୁଖ୍ୟମନ୍ତ୍ରୀ ପ୍ରେମସିଂହ ତାମଙ୍ଗଙ୍କ ଉପସ୍ଥିତିରେ ସିକିମ୍‌ର ସହରାଞ୍ଚଳ ଓ ଶକ୍ତିକ୍ଷେତ୍ରର ସମୀକ୍ଷା କରାଯିବ ବୋଲି ଜଣାପଡ଼ିଛି ।

# ପିଏମ୍‌-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୨୧ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ପଞ୍ଜାବ ଭିଭି ଚିଫ୍ ସସ୍‌ପେଣ୍ଡେଡ୍

ପଞ୍ଜାବ ସରକାର ରାଜ୍ୟ ଭିଜିଲାନ୍ସ ବ୍ୟୁରୋର ମୁଖ୍ୟ ଏସ୍.ପି.ଏସ୍. ପରମାରଙ୍କୁ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ନିଲମ୍ବନ କରିଛନ୍ତି । ବିଭାଗର ଅନ୍ୟ ଦୁଇ ଅଧିକାରୀ ବରିଷ୍ଠ ଆରକ୍ଷୀ ଅଧିକ୍ଷକ ହରପ୍ରୀତ୍ ସିଂ ମନ୍ଦର ଏବଂ ସହକାରୀ ଇନ୍ସପେକ୍ଟର ଜେନେରାଲ୍ ସ୍ୱର୍ଣ୍ଣଦୀପ ସିଂଙ୍କୁ ମଧ୍ୟ ଏହି କାରଣରୁ ନିଲମ୍ବନ କରାଯାଇଛି । ଡ୍ରାଇଭିଂ ଲାଇସେନ୍ସ ଦୁର୍ନୀତିର

ତଦନ୍ତ ବେଳେ ସଂପୃକ୍ତ ଅଧିକାରୀମାନେ ସହଯୋଗ ନ କରିବା କାରଣରୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି ।

# ପାକ୍ କିଲ୍ଡ

ପଶ୍ଚିମ ପାକିସ୍ତାନର ଅଶାନ୍ତ ବେଲୁଚିସ୍ତାନ ପ୍ରଦେଶରେ ରିମୋର୍ଟ ଦ୍ୱାରା ପରିଚାଳିତ ଆଇଇଡି ବିସ୍ଫୋରଣରେ ୧୦ଜଣ ପାକିସ୍ତାନୀ ଅର୍ଦ୍ଧସାମରିକ ବାହିନୀର ଯବାନଙ୍କ ମୃତ୍ୟୁ ହୋଇଛି । ବଲୋଚ ଲିବରେସନ ଆର୍ମି ଏହି ସୂଚନା ଦେଇଛି । କ୍ୱେଟାଠାରୁ ପ୍ରାୟ ୩୦ କିଲୋମିଟର ଦୂର ମାର୍ଗାଟ୍ ଚୌକିରେ ସୁରକ୍ଷାକର୍ମୀମାନେ ରାସ୍ତାକଡ଼ରେ ଥିବା ଏକ ବୋମାକୁ ଧକ୍କା ଦେଇଥିଲେ । ବଲୋଚ ଲିବରେସନ ଆର୍ମି ଏହି ବିସ୍ଫୋରଣ ପାଇଁ ନିଜକୁ ଦାୟୀକରିବା ସହ ପାକିସ୍ତାନୀ ସେନା ବିରୁଦ୍ଧରେ ଏହାର ଅଭିଯାନ ଜୋରଦାର ଭାବେ ଜାରି ରହିବ ବୋଲି କହିଛି ।

# ଆଇପିଏଲ୍

ଆଇପିଏଲ୍ ଟି-୨୦ କ୍ରିକେଟ୍‌ରେ ସନରାଇଜର୍ସ ହାଇଦ୍ରାବାଦ ୫ ୱିକେଟ୍‌ରେ ଚେନ୍ନାଇ ସୁପରକିଙ୍ଗ୍‌ସକୁ ପରାସ୍ତ କରିଛି। ଗତ ସନ୍ଧ୍ୟାରେ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମ ବ୍ୟାଟିଂ କରି ଚେନ୍ନାଇ ସୁପର କିଙ୍ଗ୍‌ସ ୧୯ ଓଭର୍ ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୫୪ ରନ୍ କରିଥିଲା । ଏହାର ଜବାବରେ ସନରାଇଜର୍ସ ହାଇଦ୍ରାବାଦ ୧୮ ଓଭର ୪ଟି ବଲ୍‌ରେ ୫ ୱିକେଟ୍ ବିନିମୟରେ ୧୫୫ ରନ୍ ସ୍କୋର୍ କରିଥିଲା ।

ଆଜି କୋଲ୍‌କାତାର ଇଡେନ୍ ଗାର୍ଡେନ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ପଞ୍ଜାବ କିଙ୍ଗ୍‌ସ ଏବଂ କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।